# ODIA

*(Second Language)*

*(Three hours)*

***Answers to this Paper must be written on the paper provided separately.***

*You will **not** be allowed to write during the first **15** minutes.*

*This time is to be spent in reading the question paper.*

***The time given at the head of this Paper is the time allowed for writing the answers.***

*This Paper comprises of two Sections; **Section A** and **Section B.***

*Attempt **all** questions from Section **A.***

*Attempt **four** questions from Section **B,** answering at least **one** question each from the **two** books you have studied and **any two** other questions.*

*The intended marks for questions or parts of questions are given in brackets [ ].*

## SECTION A ( 40 Marks)

*Attempt **all** questions.*

**Question 1**

Write a short composition in **Odia** of approximately **250** words on any **one** of the following topics :— [15]

(ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି **ଗୋଟିଏ** ବିଷୟରେ ପ୍ରାୟ **250** ଶବ୍ଦ ମଧ୍ୟରେ ରଚନାଟିଏ ଲେଖ ।)

(i) ଭାରତୀୟ ସମାଜରେ ନାରୀର ସ୍ଥାନ ।

(ii) ବିଜ୍ଞାପନ ଓ ତା'ର ପ୍ରଭାବ ।

(iii) ତୁମ ଜୀବନରେ ତୁମ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭୂମିକା ।

(iv) ଜ୍ଞାନ ହିଁ ଶକ୍ତି - ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ରଚନା କର ।

(v) ସଂଲଗ୍ନ ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ ଏବଂ ଏବଂ ତୁମକୁ ଯାହା ସୂଚାଇ ଦେଉଛି ତାହା ଉଲ୍ଲେଖ କର ।



**Question 2**

Write a letter in **Odia** of approximately **120** words on any **one** of the topics given below :— [7]

(ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି **ଗୋଟିଏ** ବିଷୟରେ ପ୍ରାୟ **୧୨୦**ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ ।)

(i) ନିୟମିତ ଭାବରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାମାନଙ୍କରେ ଯୋଗ ଦେବାକୁ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ ।

(ii) ତୁମ ଅଞ୍ଚଳରେ ଘନଘନ ଚୋରି ହେଉଛି ଏବଂ ତୁମ ନୂଆ ସାଇକେଲଟି ଚୋରି ହୋଇଯାଇଛି । ଏହାର ନିରାକରଣ ପାଇଁ ଥାନା ଅଧିକାରୀଙ୍କ ନିକଟକୁ ପତ୍ରଟିଏ ଲେଖ ।

**Question 3**

Read the passage given below and answer in **Odia** the questions that follow, using your own words as far as possible :—

(ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ । ଉତ୍ତରଗୁଡ଼ିକ ଯଥାସମ୍ଭବ ନିଜ ଶବ୍ଦରେ ହେବା ଉଚିତ ।)

## ପର୍ଯ୍ୟଟନ

ପର୍ଯ୍ୟଟନକୁ ଶିକ୍ଷାର ଗୋଟିଏ ପ୍ରଧାନ ଅଙ୍ଗ ବୋଲି କୁହାଯାଏ । ଶ୍ରେଣୀଗୃହରେ ଶିକ୍ଷକଙ୍କଠାରୁ ବା ପୁସ୍ତକ ଅଧ୍ୟୟନ ଦ୍ୱାରା ଯେତେ ଜ୍ଞାନ ଆହରଣ କଲେ ମଧ୍ୟ ପ୍ରକୃତସ୍ଥାନ ଓ ବସ୍ତୁର ଦର୍ଶନ ବିନା ଶିକ୍ଷା ପୂର୍ଣ୍ଣାଙ୍ଗ ହୋଇନପାରେ । ଜଣେ ଛାତ୍ର ଦିଲ୍ଲୀ ନଗରୀ ବିଷୟରେ ଯେତେ ବିବରଣୀ ଶ୍ରବଣ ବା ପାଠକଲେ ମଧ୍ୟ ଦିଲ୍ଲୀ ଭ୍ରମଣବିନା ତାହାର କୌଣସି ପ୍ରତ୍ୟକ୍ଷ ଜ୍ଞାନ ସମ୍ଭବ ହେବ ନାହିଁ । ସମୁଦ୍ର ବିଷୟରେ ବିସ୍ତୃତ ଆଲୋଚନା ଶୁଣିବାଠାରୁ ଥରେ ମାତ୍ର ସମୁଦ୍ର ଦେଖିବା ଶିକ୍ଷାପ୍ରଦ । ତେଣୁ ଛାତ୍ରମାନଙ୍କୁ ଅବସର ସମୟରେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ସରକାର ତଥା ଶିକ୍ଷା ବିଭାଗ ଅନେକ ସୁଯୋଗ ଓ ସାହାଯ୍ୟ ଦେଇଥାଆନ୍ତି । ଇଂଲଣ୍ଡ, ଆମେରିକା ପ୍ରଭୃତି ପ୍ରଗତିଶୀଳ ଦେଶରେ ପର୍ଯ୍ୟଟନ ଛାତ୍ରମାନଙ୍କର ନିୟମିତ ପାଠ୍ୟକ୍ରମ ସହିତ ସଂଯୋଜିତ ହୋଇଥାଏ ।

ପ୍ରାଚୀନ କାଳରେ ଇତିହାସ ଆଲୋଚନା କଲେ ଜଣାଯାଏ ଯେ ଭ୍ରମଣ ମାନବର ଗୋଟିଏ ଆଦିମ ପ୍ରବୃତ୍ତି । ସ୍ଥାୟୀ ବାସିନ୍ଦାମାନଙ୍କୁ ପରାଜିତ କରି ଭ୍ରମଣକାରୀ ଯାଯାବରମାନେ ହିଁ ଶେଷରେ ଆର୍ଯ୍ୟ ବା ସଭ୍ୟଜାତି ନାମରେ ପରିଚିତ ହେଲେ । ସେହି ଭ୍ରମଣଶୀଳ ଜାତିମାନେ ତାଙ୍କର ସଭ୍ୟତାକୁ ଅନ୍ୟମାନଙ୍କ ଉପରେ ଲଦିଦେଲେ ଓ ଉଦାର ଭାବରେ ଅନ୍ୟମାନଙ୍କର ରୀତିନୀତି ମଧ୍ୟ ଗ୍ରହଣ କଲେ । ସେହି ପ୍ରବୃତ୍ତି ଆଜିସୁଦ୍ଧା ମାନବ ହୃଦୟରେ ଦୃଢ଼ମୂଳ ହୋଇ ପରିବର୍ତ୍ତିତ ଅବସ୍ଥାରେ ରହିଅଛି । ପ୍ରବୃତ୍ତି ପରିମାର୍ଜିତ ହେଲେ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଥାଏ । ବାସ୍ତବରେ ଦେଶ ପର୍ଯ୍ୟଟନ ଆଜି ଅନେକାଂଶରେ ଉଦ୍ଦେଶ୍ୟମୂଳକ ହୋଇଅଛି । ତଥାପି ଅନେକ ବ୍ୟକ୍ତି କେବଳ ଭ୍ରମଣ ଉଦ୍ଦେଶ୍ୟରେ ହିଁ ପର୍ଯ୍ୟଟନ କରିଥାନ୍ତି ।

ଦେଶର ଭ୍ରମଣର ଉଦ୍ଦେଶ୍ୟ ବ୍ୟକ୍ତି ବିଶେଷର ଆଗ୍ରହ, ଜୀବିକା ଓ ସଂସ୍କୃତି ଉପରେ ନିର୍ଭର କରେ । ଛାତ୍ରମାନେ କେବଳ ଶିକ୍ଷା ଉଦ୍ଦେଶ୍ୟରେ ପର୍ଯ୍ୟଟନ କରିଥାନ୍ତି । ଅନ୍ୟମାନେ ଐତିହାସିକ ଉପାଦାନ ଏବଂ ଭୌଗୋଳିକ ତଥ୍ୟ- ସଂଗ୍ରହ, ତୀର୍ଥଦର୍ଶନ, ଧର୍ମାର୍ଜନ, କେହି ବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ସ୍ୱାସ୍ଥ୍ୟ ପରିବର୍ତ୍ତନ ଅଥବା ବ୍ୟବସାୟ ବାଣିଜ୍ୟ ପ୍ରଭୃତି ବିଭିନ୍ନ ଉଦ୍ଦେଶ୍ୟରେ

ଦେଶାଟନରେ ବହିର୍ଗତ ହୋଇଥାଆନ୍ତି । ଦେଶ ଦେଶ ମଧ୍ୟରେ ବନ୍ଧୁଭାବର ବୃଦ୍ଧିପାଇଁ ମଧ୍ୟ ଆଜିକାଲି ନେତୃସ୍ଥାନୀୟ ବ୍ୟକ୍ତିଗଣ ଓ ବିଭାଗୀୟ ଦଳମାନ ବିଦେଶ ଭ୍ରମଣ କରୁଛନ୍ତି ।

ଭ୍ରମଣ ଏପରି ଆନନ୍ଦଦାୟକ ଓ କୌତୂହଳପୂର୍ଣ୍ଣ ଯେ ଲୋକ ନିଜର ଜୀବନକୁ ଅନେକ ସମୟରେ ବିପନ୍ନ କରି ବହୁ ଅର୍ଥବ୍ୟୟରେ ମଧ୍ୟ ପର୍ଯ୍ୟଟନ ପାଇଁ ଉଦ୍‌ଗ୍ରୀବ ହୋଇଉଠେ । ପ୍ରାଚୀନକାଳରେ ଗମନାଗମନ ପଥ ବିପଦସଙ୍କୁଳ ଥିଲା । ଯାନବାହନର ପ୍ରଚଳନ ଅନୁନ୍ନତ ଆଦିମ ଅବସ୍ଥାରେ ଥିଲା କହିଲେ ଚଳେ, ତଥାପି ଲୋକେ ବିଭିନ୍ନ ଦେଶ ପର୍ଯ୍ୟଟନ କରୁଥିଲେ ।

(i) ପର୍ଯ୍ୟଟନ ଶିକ୍ଷାକୁ କିପରି ପ୍ରଭାବିତ କରେ ? [2]

(ii) ଏ ବିଷୟରେ ଆମଦେଶ ଓ ପ୍ରଗତିଶୀଳ ଦେଶ ଭିତରେ କି ଫରକ ଦେଖାଦିଏ ? [2]

(iii) ପ୍ରବୃତ୍ତି ପରିମାର୍ଜିତ ହେଲେ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଥାଏ– କିପରି ? [2]

(iv) ଦେଶ ଭ୍ରମଣର ଉଦ୍ଦେଶ୍ୟ କାହା ଉପରେ ନିର୍ଭର କରେ ? କାହିଁକି ? [2]

(v) ପ୍ରାଚୀନ କାଳରୁ ଆଜିଯାଏ ଭ୍ରମଣ କିପରି ଆନନ୍ଦଦାୟକ ଓ କୌତୂହଳପୂର୍ଣ୍ଣ ହୋଇ ପାରିଛି ? [2]

**Question 4**

Answer the following according to the instructions given :—

(ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ)

(i) ''ବେଙ୍ଗ'' କିମ୍ବା ''ସାପ''ର ଆଉ ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ । [1]

(ii) ବିପରୀତାର୍ଥବୋଧକ ଶବ୍ଦ ଲେଖ :-- (ଯେ କୌଣସି ଦୁଇଟିର) [1]

ଶାକାହାରୀ, ହାସ୍ୟ, କ୍ଷଣିକ, ସୁଦଶା

(iii) ଅର୍ଥ ବୁଝାଇ ଦିଅ :-- [1]

ହାତେ ମାପି ଚାଖଣ୍ଡେ ଚାଲ

କିମ୍ବା

ଢିଙ୍କି ଶାଳରୁ ଢେଙ୍କାନାଳ

(iv) ଏକ ପଦରେ ପ୍ରକାଶ କର :-- [1]

ଯେ ଗବେଷଣା କରନ୍ତି

କିମ୍ବା

ଯୋଗ ଜାଣିଥିବା ବ୍ୟକ୍ତି

(v) ଭ୍ରମ ସଂଶୋଧନ କର :-- (ଯେକୌଣସି ଦୁଇଟିର) [1]

ସନ୍ୟାସ, ମୁଖସ୍ତ, ମୂର୍ତ୍ତିକା, ବାହାନ

(vi) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ :-- [1]

ସାକ୍ଷର ନିଧନ

କିମ୍ବା

ସ୍ୱାକ୍ଷର ନିର୍ଦ୍ଧନ

(vii) "ବାରି" କିମ୍ବା "ପିତା" ଶବ୍ଦକୁ ଦୁଇଟି ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ କର :- [1]

(viii) ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ :- (ଯେ କୌଣସି ଦୁଇଟିର) [1]

(a) ପିଲାମାନେ ଆସିଛନ୍ତି ବିଦ୍ୟାଳୟକୁ ସତ୍ତ୍ୱେ ବର୍ଷା ।

(b) ଅଛି ଆଗରେ ଘର ତାଙ୍କ ମଣ୍ଡପ ।

(c) ଅନୁଚିତ ହେବା ପ୍ରିତ କଠୋର ଛାତ୍ର ।

(d) ନାହିଁ କେହି ବ୍ୟତୀତ ତାଙ୍କ ଆଉ ମୋର ।

## SECTION B (40 Marks)

*Attempt **four** questions from this Section.*

*You must answer at least **one** question from each of the **two** books you have studied and any **two** other questions.*

### ଜ୍ଞାନାଞ୍ଜଳି (କ୍ଷୁଦ୍ର ଗଳ୍ପ ବିଭାଗ)

### GYANJALI—SHORT STORIES

**Question 5**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

"ପ୍ରଭୁ ! ମୁଁ ପିଲା, ମୁଁ ମହାପାପୀ, ମୋ ଅପରାଧ କ୍ଷମା କରନ୍ତୁ ।" ମହନ୍ତ ଆଖିବୁଜି ବସି ଗଞ୍ଜେଇ ଭିଡୁଛନ୍ତି, କିଛି ଆଜ୍ଞା ହେଲା ନାହିଁ । ସମସ୍ତ ସେବକ ଏକାବେଳକେ ମହନ୍ତ ମହାରାଜଙ୍କ ଗୋଡ଼ ତଳେ ପଡ଼ି ପ୍ରାର୍ଥନା କଲେ- "ହେ ମହାପ୍ରଭୁ ! ଆମ୍ଭେମାନେ ମହାପାପିଷ୍ଠ, ଅପରାଧୀ । ପ୍ରଭୁ କ୍ଷମା ନକଲେ ଆଉ କିଏ ଜଗତରେ ଅଛି ?

**ଧୂଳିଆ ବାବା—ଫକୀର ମୋହନ ସେନାପତି**

**Dhulia Baba—Fakir Mohan Senapati**

(i) କିଏ କ୍ଷମା ମାଗୁଥିଲା ? କାହିଁକି ? [2]

(ii) ସେବକମାନେ ପ୍ରାର୍ଥନା କରିବାର କାରଣ କ'ଣ ? [2]

(iii) ମହନ୍ତ ମହାରାଜଙ୍କ ପ୍ରକୃତ ନାମ କ'ଣ ? କେଉଁ ନାମରେ ପ୍ରସିଦ୍ଧ ? କାହିଁକି ? [3]

(iv) ପ୍ରଭୁ କି ଆଜ୍ଞା ଦେଲେ ? କିପରି ଆଜ୍ଞା ପାଳନ ହେଲା ? [3]

**Question 6**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ଯେତେବେଳେକୁ ନିଷ୍ଠୁର ବନବୀର କୃପାଣ କୋଷମୁକ୍ତ କରି ରାଜପୁତ୍ର ଉଦୟ ସିଂହଙ୍କ କୋଠରି ଭିତରେ ପ୍ରବେଶ କରୁଥାଏ । ଅବଶ୍ୟ ନିଦ୍ରିତ ରାଜପୁତ୍ରଙ୍କୁ କେଇ ମୁହୂର୍ତ୍ତ ଆଗରୁ ଗୋପନରେ ବିଦାୟ କରିଦେଇ ଧାଇ ପାନ୍ନା ଦୁଗ୍ଧଫେନନିଭ ଶଯ୍ୟାରେ ନିଜ ସନ୍ତାନକୁ ଶୁଆଇ ଦେଇଥାଏ । ପ୍ରେକ୍ଷାଳୟରେ ନିସ୍ତବ୍ଧତା । କେହି ସାମାନ୍ୟ ଗୋଳମାଳ ବରଦାସ୍ତ କରିବାକୁ ପ୍ରସ୍ତୁତ ନଥିଲେ ।

**କୃପାଣ—ମନୋଜ ଦାସ**

**Krupana—Manoj Das**

(i) ବନବୀର କିଏ ? [2]

(ii) ଉଦୟ ସିଂହଙ୍କୁ ଖୋଜିବାର କାରଣ କ'ଣ ? [2]

(iii) ଧାଇ ପାନ୍ନା ଗୋପନରେ କେଉଁ କାର୍ଯ୍ୟ କରିଥିଲେ ? [3]

(iv) ପଲ୍‌ଟୁ ଆଡ଼କୁ ଦର୍ଶକମାନେ କାହିଁକି ଚାହୁଁଥିଲେ ? [3]

**Question 7**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ରୁଚିକୁ ବୁଝେଇ ସୁଝେଇ ହସ୍‌ପିଟାଲରୁ ଆଣିଥିଲେ । ଦିନରାତି ଛାଇ ପରି ଲାଗି ରହିଲେ ତା' ପାଖେ ପାଖେ । ପଣତକାନିରେ ମୁହଁ ପୋଛି ତାକୁ ଖୁଆଇଥିଲେ, ନିଜ କୋଳରେ ଶୁଆଇ ଦଉଥିଲେ । ଏତିକି ବେଳେ ଅନ୍ୱେଷ ଖବର ପଠେଇଲା ସେ ଜେନି ବୋଲି ଖ୍ରୀଷ୍ଟିୟାନ୍ ଝିଅକୁ ବାହା ହୋଇଛି । ତା ବାପାର ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଛି ।

**ମୁଖାଗ୍ନି—ଶ୍ରୀମତୀ ଲକ୍ଷ୍ମୀଚାନ୍ଦ**

**Mukhagni—Smt. Laxmi Chand**

(i) ରୁଚି ହସ୍‌ପିଟାଲ୍ ଯିବାର କାରଣ କ'ଣ ? [2]

(ii) କିଏ ତା'ର ଯତ୍ନ ନେଉଥିଲେ ? କାହିଁକି ? [2]

(iii) ଅନ୍ୱେଷ କିଏ ? [3]

(iv) ସେ କେଉଁଠୁ ଖବର ପଠାଇଥିଲା ? ଏପରି କରିବାର ଉଦ୍ଦେଶ୍ୟ କ'ଣ ଥିଲା ? [3]

## ଜ୍ଞାନାଞ୍ଜଳି—କବିତା

## GYANJALI—POEMS

**Question 8**

Read the extract given below and answer in **Odia** the questions that follow :—
(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

କୁରୁମଣି ଘେନ ଆଶିଷ ତୋହର
ଜନନୀର ବରାଭୟ,
ଅକ୍ଷୟ ହେଉ ପୁଣ୍ୟ ଜଗତ
ଧର୍ମର ହେଉ ଜୟ ।

**ଗାନ୍ଧାରୀର ଆଶୀର୍ବାଦ—କାଳିନ୍ଦୀ ଚରଣ ପାଣିଗ୍ରାହୀ**

**Gandhari Ra Aashirbada—Kalindi Charana Panigrahi**

(i) କୁରୁମଣି କିଏ ? [2]
(ii) ସେ କାହାକୁ ଆଶିଷ ମାଗିଥିଲେ ? କାହିଁକି ? [2]
(iii) ତାଙ୍କୁ କି ଆଶିଷ ମିଳିଥିଲା ? [3]
(iv) ସେ ଆଶୀର୍ବାଦକୁ ଅଭିଶାପ ବୋଲି ଭାବିବାର କାରଣ କ'ଣ ? [3]

**Question 9**

Read the extract given below and answer in **Odia** the questions that follow :—
(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ଭିକ୍ଷାଶୀ ପ୍ରାଣ ପୀଡ଼େ ମତେ ଅହରହ
ପାଥେୟ ବିହୀନ ପଥିକ ମୁଁ ମଣେ
ଯାତ୍ରା ଏ ଦୁରୁବହ ।
ଖଇ ଓ ତୁଳାରେ ଶୁଭ୍ର କରି ତୋ ତନୁ
ରାମ ନାମ ସତ ମନ୍ତ୍ରେ ଚଳିବି
ତୋ ତୀର ଶ୍ମଶାନେ
କେବେ କହ, କେବେ କହ ।

**ଗ୍ରାମପଥ—ବିନୋଦଚନ୍ଦ୍ର ନାୟକ**

**Grama Patha—Binod Ch. Naik**

(i) କବି ନିଜ ପ୍ରାଣକୁ ଭିକ୍ଷାଶୀ ବୋଲି କାହିଁକି କହିଛନ୍ତି ? [2]
(ii) ନିଜକୁ ପାଥେୟ ବିହୀନ କହିବାର ମର୍ମ କ'ଣ ? [2]
(iii) କବି ଖଇ ଓ ତୁଳା ବିଷୟରେ କ'ଣ ବର୍ଣ୍ଣନା କରିଛନ୍ତି ? କାରଣ ଲେଖ । [3]
(iv) "ତୋ ତୀର ଶ୍ମଶାନ"– ପଦଟିର ବିଷୟଭିତ୍ତିକ ଯଥାର୍ଥତା ଲେଖ । [3]

**Question 10**

Read the extract given below and answer in **Odia** the questions that follow :—
(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ପାରିକୁଦ ବୋଲି ରାଇଜ ପୁଣି ସେ
ଚିଲିକା ମଝିରେ କାହିଁ
କେମନ୍ତ ମୂର୍ଚ୍ଛିଲ ଝିଅକୁ ବାପା ହେ
ଏତେ ଦୂରେ ଦେବା ପାଇଁ

**କାଳିଜାଇ—ଗୋଦାବରୀଶ ମିଶ୍ର**
**Kalijai—Godabarish Mishra**

(i) ପାରିକୁଦ କେଉଁଠି ଅବସ୍ଥିତ ? କିପରି ? [2]

(ii) ସେଠାକୁ କିଏ ଯାଉଥିଲା ? କିପରି ? [2]

(iii) ସେ କାହା ସାଥୀରେ ଯାଉଥିଲା ? କି ଅଭିଯୋଗ କରୁଥିଲା ? [3]

(iv) ସାଥୀରେ ଯାଉଥିବା ବ୍ୟକ୍ତିଟି ଘରକୁ ଫେରି କିଛି କହିପାରିଲା ନାହିଁ କାହିଁକି ? [3]

## ଅଦୂର ସକାଳ—ପ୍ରଶାନ୍ତ ମହାନ୍ତି
## Adoora Sakala—Prashanta Mohanty

**Question 11**

Read the extract given below and answer in **Odia** the questions that follow :—
(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ବୋଉ ଚାହିଁଲା ତା ମୁହଁକୁ । ସେ ଚାହାଣିରେ କେମିତି ଗୋଟାଏ ସ୍ନିଗ୍ଧତା ଉଛୁଳି ପଡୁଥାଏ । ତା' ପରେ ସେ ଆଉ କିଛି ନକହି ଚାଉଳ ଚୁଡ଼ା ବାନ୍ଧିଦେଲେ । କପିଳା ନେଇ ପହଞ୍ଚିଲା । କଥା ନାହିଁ – କେବଳ ତା' ଆଡ଼କୁ ଚାହିଁ ରହିଲେ ଲୁହ ଡବଡବ କେଇଟା ନିସ୍ତେଜ ଆଖି ।

(i) କପିଳା କାହାକୁ ସାହାଯ୍ୟ କରିବାକୁ ଚାହୁଁଥିଲା ? [2]

(ii) ସେ କି ଅସୁବିଧାରେ ପଡ଼ିଥିଲେ ? [2]

(iii) କପିଳା ସହିତ ତାଙ୍କର କି ସଂପର୍କ ଥିଲା ? ବର୍ଣ୍ଣନା କରି ଲେଖ । [3]

(iv) ଏହା କେଉଁ ଗାଁର କଥା ? ସେ ଗାଁର ବିଶେଷତ୍ୱ କ'ଣ ଥିଲା ? [3]

**Question 12**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

କେତେଜଣ ପିଲାଙ୍କ ସାଥିରେ କପିଳା ପ୍ରଥମେ ଗ୍ରାମ ପ୍ରଦକ୍ଷିଣ କଲା । ତାକୁ ଲାଗିଲା ପ୍ରତ୍ୟେକ ଗାଁର ନିଜସ୍ୱ ସୌନ୍ଦର୍ଯ୍ୟ ଅଛି, ବିଶେଷତ୍ୱ ଅଛି । ସେଇ ବୁଲିବା ଭିତରେ ସେମାନେ ଗାଁର ପ୍ରମୁଖ ବ୍ୟକ୍ତି ଓ ଆଗୁଆ ଯୁବକମାନଙ୍କ ନାମ ସଂଗ୍ରହ କରିନେଲେ । କ୍ୟାମ୍ପକୁ ଫେରି ପ୍ରୋଗାମ ଅଫିସରଙ୍କୁ ସାକ୍ଷାତ କଲା କପିଳା । କହିଲା - ଆମେ ଏଠି ଯାହା କିଛି କରିବା ସବୁ ଏହି ଲୋକମାନଙ୍କ ସହଯୋଗରେ ।

(i) ଜାତୀୟ ସେବା ସଂସ୍ଥାର କ୍ୟାମ୍ପ କେଉଁଠି ପଡ଼ିଥିଲା ? କେତେଜଣ ସ୍ୱେଚ୍ଛାସେବୀ ଥିଲେ ? [2]

(ii) ତାଙ୍କର ପ୍ରୋଗାମ ଅଫିସର୍ କିଏ ଥିଲେ ? ସେ କେଉଁ ବିଭାଗର ଅଧ୍ୟାପକ ? [2]

(iii) ସେମାନେ ଯାଇଥିବା ଗାଁଟିର ଭୂଗୋଳ ବିସ୍ମୟକର ବୋଲି କୁହାଯାଇଛି କାହିଁକି ? ସଂକ୍ଷିପ୍ତ ବର୍ଣ୍ଣନା ଦିଅ । [3]

(iv) ସ୍ୱେଚ୍ଛାସେବୀମାନଙ୍କର ମୁଖ୍ୟ କାମ କ'ଣ ଥିଲା? କାହାର ସହଯୋଗ ଆବଶ୍ୟକ? କିପରି ସମ୍ଭବ ହେଲା ? [3]

**Question 13**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

କପିଳା ରିଡର୍ସ କ୍ଲବରେ ପହଞ୍ଚିଲା ବେଳକୁ ଅନେକ ବନ୍ଧୁ ଆସିଯାଇଥିଲେ ଓ ପଠନରେ ନିମଗ୍ନ ଥିଲେ । ଗୋଟେ ଚେୟାର ବୁଲେଇ ବସିପଡ଼ିଲା କପିଳା । ବ୍ୟସ୍ତ ଲାଗୁଥିଲା ଯେ ପଢ଼ିବା ପାଇଁ ସ୍ପୃହା ନଥିଲା । ଗୋଟିଏ କଥା ତା' ମୁଣ୍ଡକୁ କୋରି ବିଦାରି ପକାଉଥିଲା -- ପ୍ରକୃତରେ କି ଉପାୟ ଅବଲମ୍ବନ କଲେ ଶିକ୍ଷାକୁ ପୁନଶ୍ଚ ଚରିତ୍ର ଗଠନର ମୁଖ୍ୟ ଆୟୁଧ କରାଯାଇପାରିବ ?

(i) ରିଡର୍ସ କ୍ଲବ କିଏ, କିପରି ପ୍ରତିଷ୍ଠା କରିଥିଲେ ? [2]

(ii) ଏହାର ଉଦ୍ଦେଶ୍ୟ କ'ଣ ଥିଲା ? [2]

(iii) କପିଳା ସେଠାରେ ପଢ଼ିପାରିଲା ନାହିଁ କାହିଁକି ? [3]

(iv) ରୁଦ୍ର ସାର୍ କିଏ ? ସେ ସେଠାକୁ କାହିଁକି ଆସିଥିଲେ ? କେଉଁ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ? [3]

## ଏକାଙ୍କି କା ଚ୍‌ୟନ

## EKANKI KA CHAYAN

**Question 14**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ସତୀ – କିରେ, ଫେରି ଆସିଲୁ ଯେ !

ଚେମା – ମତେ ମିଲିନାନୀ ଯାଇ ଯାଇ କହିଲେ ଯେ ଏତା ... ମା' କହିଲେ ତତେ ଗାଆଁକୁ ଯିବାକୁ ହେବନି, ଫେରି ଚାଲ ।

ପ୍ରତିମା – ସେଇଠୁ ତ ଫେରି ଆସିଲୁ ? ତୋ' ବାବା କାହିଁ ?

ମିଲି – ସେ ପଛରେ ଆସୁଚି ମା' – ଆମେ ଦୁହେଁ ଦଉଡ଼ି ଦଉଡ଼ି ଆସିଲୁ ।

**ପେଟୁ—ପ୍ରାଣବନ୍ଧୁ କର**

**Petu—Pranabandhu Kara**

(i) କିଏ, କେଉଁଠୁ ଫେରି ଆସିଲା ? [2]

(ii) ସେଠାକୁ ଯିବାର କାରଣ କ'ଣ ଥିଲା ? [2]

(iii) କାହା କଥାରେ କିଏ ତାକୁ ଫେରାଇ ଆଣିଲା ? ପ୍ରକୃତ କଥା କ'ଣ ଥିଲା ? [3]

(iv) ଯଦି ଫେରିଆସିବାର ଥିଲା ତେବେ ସେ ଯାଉଥିଲା କାହିଁକି ? [3]

**Question 15**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ଖୋର୍ଦ୍ଧାରାଜା -- (ନତମସ୍ତକରେ) ମହାରାଣୀ ! ପରାଜିତ ଖୋର୍ଦ୍ଧାର ରାଜା ମୁଁ ବନ୍ଦୀ ଭାବରେ ଏଠାରେ ଉପସ୍ଥିତ । ମୋତେ ଆଉ ଅଧିକ ଅପମାନିତ କରନ୍ତୁ ନାହିଁ । ମୋ ପ୍ରତି କି ଶାସ୍ତିବିଧାନ ହେବ ତା'ର ପରାମର୍ଶ ଆପଣଙ୍କର ମହାମନ୍ତ୍ରୀ ଦେବା ଆବଶ୍ୟକ ନାହିଁ । ମୁଁ ନିଜେ ଦେଉଛି ।

କରୁଣାକର -- ଏ କ'ଣ କହୁଛନ୍ତି ଖୋର୍ଦ୍ଧା ନରେଶ ?

ଖୋର୍ଦ୍ଧାରାଜା -- ମୋତେ ମୃତ୍ୟୁଦଣ୍ଡ ଦିଆଯାଉ । ସେହି ହେବ ମୋର ଉପଯୁକ୍ତ ପୁରସ୍କାର ।

**ରାଣୀ ଶୁକଦେଈ—ମନୋରଞ୍ଜନ ଦାସ**

**Rani Shuka Dei—Manoranjan Das**

(i) କେଉଁ ଅପରାଧ ପାଇଁ ଖୋର୍ଦ୍ଧା ନରେଶ ମୃତ୍ୟୁଦଣ୍ଡ ମାଗିଲେ ? [2]

(ii) ମୃତ୍ୟୁଦଣ୍ଡ ଉପଯୁକ୍ତ ପୁରସ୍କାର କହିବାର କାରଣ କ'ଣ ? [2]

(iii) ତାଙ୍କୁ କେଉଁ କଠୋର ଦଣ୍ଡ ଦିଆଯାଇଥିଲା, ତାହାକୁ ବର୍ଣ୍ଣନା କରି ଲେଖ । [3]

(iv) ଏହି ଘଟଣାରୁ କାହାକୁ କି ମହାଶିକ୍ଷା ମିଳିଥିଲା ? [3]

**Question 16**

Read the extract given below and answer in **Odia** the questions that follow :—

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ ।)

ଶିବେଇ -- ୟେ' ତ ଅତି ମହତ୍ ଇଚ୍ଛା ଛାମୁ ।

ନରସିଂହ -- ତା ଛଡ଼ା.... ଉତ୍କଳରେ ବହୁ ମନ୍ଦିର ପ୍ରତିଷ୍ଠା ହୋଇଛି;

କିନ୍ତୁ ସୂର୍ଯ୍ୟ ଦେବତାଙ୍କର ଉପାସନା ପାଇଁ ଗୋଟିଏ ସୁଦ୍ଧା ମନ୍ଦିର ହୋଇନାହିଁ ।

ଶିବେଇ -- ସତ୍ୟ ଛାମୁ ।

**କୋଣାର୍କ—ଭଞ୍ଜକିଶୋର ପଟ୍ଟନାୟକ**

**Konarka—Bhanja Kishore Pattanaik**

(i) ଏଠାରେ କାହାର ଅନୁରୋଧକୁ ମହତ ଇଚ୍ଛା ବୋଲି କୁହାଯାଇଛି ? [2]

(ii) ସେ ମହତ ଇଚ୍ଛାଟି କ'ଣ ଥିଲା ? [2]

(iii) ଏ ବିଷୟ ଶୁଣି ରାଜାଙ୍କର ପ୍ରତିକ୍ରିୟା କ'ଣ ଥିଲା ବର୍ଣ୍ଣନା କରି ଲେଖ । [3]

(iv) ରାଜାଙ୍କର ଲକ୍ଷ୍ୟ କିପରି ପୂରଣ ହେଲା ? [3]